ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର – ୭୫୧୦୦୩

Dr. T. R. Mohanty
Nodal Officer

ସପ୍ତାହ –୫୦

ନ.- ୧୨୪୫ (ଓଡିଆ ବୁଲେଟିନ)
ତାରିଖ- ୧୨ .୧୨.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଜଗତସିଂହପୁର ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୬ .୧୨ .୨୦୨୫ ରୁ ୧୨ .୧୨ .୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 28.6 | 14.6 | Nil |

## ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୩ . ୧୨ . ୨୦୨୫ ରୁ ୧୭ .୧୨ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ & ଆକାଶର ସ୍ଥିତି | ପାଗ ଶୁଖିଲା ଓ ଆକାଶ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ପରିଷ୍କାର |
| ସର୍ବାଧିକ ତାପମାତ୍ରା (°C) | 28 | 27 | 28 | 28 | 28 |
| ସର୍ବନିମ୍ନ ତାପମାତ୍ରା (°C) | 14 | 15 | 16 | 13 | 13 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | 74 | 77 | 80 | 81 | 80 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | 29 | 32 | 33 | 33 | 39 |
| ପବନର ବେଗ (କି.ମି./ଘ.) | 9 | 10 | 9 | 9 | 8 |
| ପବନର ଦିଗ | 336 | 338 | 337 | 337 | 321 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଙ୍ଘପୁର ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୮ ରୁ ୧୦ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭ ରୁ ୨୮ ଡିଗ୍ରୀ ସେଲସିଅସ ଓ ୧୩ ରୁ ୧୬ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂଘପୁର ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି ।
- ବର୍ତମାନ ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପୋଲିଥିନ ଦ୍ଵାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- ସକାଳ ଓ ସନ୍ଧ୍ୟା ସମୟରେ ରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ ।
- ଅମଳ ହୋଇଥିବା ଧାନ କୁ ବେଙ୍ଗଳା କରି ଦିଅନ୍ତୁ । ବେଙ୍ଗଳା କରି ସାରିବା ପରେ ଧାନକୁ ଖରା ରେ ଶୁଖାଇ ଦିଅନ୍ତୁ, ଯାହାଦ୍ଵାରା ଆଦ୍ରତା ର ପରିମାଣ ୧୨% କୁ ଆସିଯିବ । ଦାନ୍ତ ରେ ଚୋବାଇଲେ କଡ କରି ଶବ୍ଦ ହେବ ଜାଣିବେ ଯେ ଧାନ ଶୁଖି ଯାଇଛି ।
- ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ ବସ୍ତା ରେ ଭର୍ତି କରି ସୁରକ୍ଷିତ ସ୍ଥାନ ଭଲ ଭାବରେ ଘୋଡାଇ ରଖନ୍ତୁ ।
- ଆଖୁ ଫସଲ କୁ ଜମି ପତନ ଠାରୁ ଏକ ଇଞ୍ଚ ତଳକୁ, ଯେପରକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ ,ସେହିପରି କାଟିଲେ ମୂଳି ଆଖୁ ଭଲ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ ।
- କମ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନ ରହିଛି । ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ ।
- କୋବି ଜାତୀୟ ଫସଲ ରେ ୭-୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ।
- ଶୀତ ଋତୁ ରେ ଅଧିକ ଥଣ୍ଡା ସମୟ ରେ ଗାଈ ଗୁହାଳ ରେ ପୋଲିଥିନ କିମ୍ବା ଅଖା ଦ୍ଵାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ଅମଳ ପରବର୍ତୀ ଅବସ୍ଥା | ❖ ମୂଷା-<br>ଧାନ ଅମଳ ସମୟରେ ମୂଷା କ୍ଷତି ଘଟାଇ ଥାଏ । ମୂଷା କୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତ କୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରି ଦିଅନ୍ତୁ । ତାପର ଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ ଫସଫାଇଡ ୬% ବଟିକା ( ଗୋଟେ ବଟିକା ୧୨ ଗ୍ରାମ ) କନା ରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁ କୁ କାଦୁଅ ରେ ବନ୍ଦ କରି ଦିଅନ୍ତୁ ।<br>❖ ସାଇତା କୀଟ-<br>ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠୋରୀରେ ପୋକ ଦେଖା ଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ ) କନା ରେ ଗୁଡାଇ ରଖନ୍ତୁ ।ଏହା ପରେ ଭଲ ଭାବରେ ତରପୋଲୀନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କ ଜାଗା ନ ରୁହେ । ଯଦି କୋଠୋରୀ ର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠୋରୀ ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ । |
| ମୁଗ ଓ ବିରି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଜଉ ପୋକ<br>ବର୍ତମାନ ସମୟରେ ମୁଗ ଓ ବିରି ଫସଲ ରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ଏହି ପୋକ ର ନିୟନ୍ତ୍ରଣ କରିବା ପାଇଁ ପ୍ରାଥମିକ ସ୍ତର ରେ ଏକର ପ୍ରତି ନିମ୍ବ ଆଧାରିତ ତେଲ ୧୫୦୦ ପିପିଏମ @ ୬୦୦ ମିଲି ସିଂଚନ କରନ୍ତୁ । ପରେ Thiamethoxam ୨୫ % W.G @ ୪୦ ଗ୍ରାମ କିମ୍ବା Acetamiprid ୨୦% S.P. @ ୫୦ ଗ୍ରାମ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ସୋରିଷ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ବର୍ତମାନ ସମୟ ରେ ସୋରିଷ ଫସଲ ରେ କରତିଆ ମାଛି ଲାଗିବାର ସମ୍ଭାବନା ଅଛି । ଏହାର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦ ମିଲି Chloropyriphos ଏବଂ Cypermethrine ର ମିଳିତ କୀଟନାଶକ, 200 ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ମହୁମାଛି ର ଚଳପ୍ରଚଳ ରେ ବାଧା ନଦେବା ପାଇଁ ଅପରାହ୍ନ ସମୟରେ କିଟନାଶକନ କୁ ପ୍ରୟୋଗ କରନ୍ତୁ । |
| ପିଆଜ | ତଳି ଅବସ୍ଥା | ❖ ଘେରାକଟା ରୋଗ<br>ତଳି ପଟାଳିରେ ଘେରାକଟା ରୋଗ ନ ହେବା ପାଇଁ, ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ, ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ। |

| | | |
|---|---|---|
| ଆଳୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଆଳୁ ଫସଲ ରେ ସଅଳ ପତ୍ର ପୋଡା ରୋଗ ର ପରିଚାଳନା ପାଇଁ ଏକର ପ୍ରତି 600 ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା 400 ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ, 200 ଲିଟର ପଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ବାଇଗଣ | ଅଙ୍ଗୀୟ ଅଭିବୃଦ୍ଧି – ଫଳ ଧରିବା ଅବସ୍ଥା | ❖ ଫଳ ଓ କାଣ୍ଡ ବିନ୍ଧା ପୋକ<br>ବାଇଗଣ ରେ ଫଳ ଓ କାଣ୍ଡ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ପ୍ରାଥମିକ ସ୍ତର ରେ ଏକର ପ୍ରତି ନିମ୍ବ ଆଧାରିତ ତେଲ ୧୫୦୦ ପିପିଏମ @ ୬୦୦ ମିଲି ସିଂଚନ କରନ୍ତୁ । ପରେ Spinosad ୪୫% SC @ ୭୦ ମିଲି କିମ୍ବା Thiodicarb @ ୩୦୦ ଗ୍ରାମ, ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ଅଦଳବଦଳ କରି ସିଂଚନ କରନ୍ତୁ । |
| ଲଙ୍କାମରିଚ | ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ଜଉ ପୋକ ଓ ପତ୍ର ଉକୁଣି ପୋକ<br>ଲଙ୍କାମରିଚ ଫସଲ ରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥା ରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenpyroximate ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| କଦଳୀ | ଲଗାଇବା ଅବସ୍ଥା | ❖ ନଭେମ୍ବର ମାସ ହେଉଛି ବାମନ କଦଳୀ ଲଗାଇବାର ପ୍ରକୃଷ୍ଟ ସମୟ । କ୍ୟାଭେଣ୍ଡିସ ଓ ରୋବଷ୍ଟା ଆଦି କିସମ ୨ X ୨ ମିଟର ଦୂରତା ରେ ୦.୫ X ୦.୫ X ୦.୫ ମିଟର ଗାତ କରି ଲଗାନ୍ତୁ । ୩୦୦ ରୁ ୪୦୦ ଗ୍ରାମ ଓଜନ ର ରୋଗ ବିହୀନ ପୁଆ କିମ୍ବା ଟିସୁ କଲଚର ପୁଆ ଲଗାନ୍ତୁ । |
| ପଶୁ ସମ୍ପଦ | ❖ ଗୁହାଳ ଘର ଏବଂ ଏହାର ଚଟାଣ କୁ ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରଖନ୍ତୁ ନାହିଁ । ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରହିଲେ ଗାଈଗୋରୁ ମାନଙ୍କୁ ବିଶେଷ କରି ବାଛୁରି ଙ୍କୁ ନିମୋନିଆ, ଜ୍ୱର ଓ ହଇଜା ଇତ୍ୟାଦି ରୋଗ ହେବା ର ସମ୍ଭାବନା ଅଛି । ଶୀତ ଋତୁ ରେ ଗୁହାଳ ଘରେ ଉତ୍ତମ ରୂପେ ବାୟୁ ଚଳପ୍ରଚଳ କରୁଥିବା ଦରକାର । | |


ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ


ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)